

# ଫୁଲ୍‌କା

VOLUME : 2025/01

## Pana Sankranti Edition



QUARTERLY SOUVENIR OF PASCHIM ODISHA SANSKRUTIK PARISHAD, ROURKELA

# Thanks

*MPLAD Fund grant of Rupees Five Lakhs alloted by Sri Juel Oram, MP, Sundargarh & Minister of Tribal affairs for the 2nd phase of office building renovation.*

# LIST OF OFFICE BEARERS & EXECUTIVE BODY MEMBERS FOR THE YEAR 2024-25 & 2025-26

## OFFICE BEARERS

| | |
|---|---|
| Sri Swaroop Kumar Panigrahi | President |
| Dr Ajaya Kumar Mishra | Vice -President |
| Sri Subhranshu Sekhar Barpanda | Vice -President |
| Sri Prakash Chandra Padhi | General Secretary |
| Sri Subhendu Panda | Jt General Secretary |
| Sri Gouri Shankar Pradhan | Treasurer |
| Sri Narendra Mishra | Joint Treasurer |
| Sri Suryanarayan Padhee | Secretary (Cultural) |
| Dr Subodh Kumar Meher | Secretary (Welfare) |

## EXECUTIVE BODY MEMBERS

Sri Ajit Mohan Pujari
Sri Debesh Kumar Purohit
Sri Arior Jal

Sri Madan Behera
Sri Ashok Bhainsa
Sri Padmalochan Bag
Sri Umesh Chandra Behera

Sri Pratap Meher
Sri Nibash Ranjan Dash
Sri Manoj Kumar Seth

## EX-OFFICIO MEMBERS

Sri Bhagaban Pati
Sri Sudhir Chandra Mishra

## FINANCE COMMITTEE

Sri Gouri Shankar Pradhan
Sri Narendra Mishra
Sri Narendra Tripathy
Sri Arior Jal
Sri Nibash Ranjan Dash
Sri Madan Behera

## CULTURAL COMMITTEE

Sri Suryanarayan Padhee
Sri Ramesh Suna
Sri Srikant Sarangi
Sri Prabir Kumar Mishra
Sri Satyabrata Naik
Dr Ajaya Kumar Mishra
Dr Kishori Dash
Sri Kunja Bihari Sahu
Sri Debasis Mishra

## WELFARE COMMITTEE

Dr Subodh Kumar Meher
Sri Subhendu Panda
Sri Umesh Behera
Sri Umesh Pradhan
Sri Keshaba Chandra Seth
Sri Pratap Meher
Sri Ashok Bhainsa
Sri Padmalochan Bag

## MEGAZINE COMMITTEE

Dr Subodh Kumar Meher
Dr Kishori Dash
Sri Ajit Mohan Pujari
Sri Suryanarayan Padhee
Sri Srikant Sarangi
Sri Prabir Kumar Mishra

## ADVISORS

Sri Adwait Kumar Panda
Sri Pitabas Pradhan
Sri Nilamani Pradhan
Sri Girija Shankar Dwibedi
Sri Thabira Mishra
Prof Sanatan Pradhan
Sri Sankar Prasad Tripathy
Sri Santanu Parichha
Dr Gajendra Meher
Dr B K Sahu
Sri Khitish Udgata
Sri Kunja Bihari Sahu
Dr Kishori Dash
Sri Bimal Bisi
Sri Dilip Behera
Sri Ramnarayan Nayak
Dr Ram Chandra Meher
Sri Narendra Tripathy

“ଜାଏତ୍ ଭିନ୍ ଭିନ୍ ମୁନୁଷ୍ ଗୁଟେ
ଭାଷା ଭିନ୍ ଭିନ୍ ସାହିତ୍ୟ ଗୁଟେ”

ପଦ୍ମଶ୍ରୀ କବି ହଲଧର୍ ନାଗ୍

## ସମ୍ପାଦନା ମଣ୍ଡଳୀ


Sri Suryanarayan Padhee


Dr Kishori Dash


Sri Ajit Mohan Pujari


Sri Srikant Sarangi


Sri Prabir Kumar Mishra

## ସମ୍ପାଦକୀୟ...


ଡ. ସୁବୋଧ କୁମାର ମେହେର

ଝୁଲ୍‌କାର ଦ୍ୱିତୀୟ ବର୍ଷର ପ୍ରଥମ ସଂସ୍କରଣ କେ ଆପଣଙ୍କୁ ସମସ୍ତଙ୍କୁ ସ୍ୱାଗତ୍ ।

ଆମର୍ ପଶ୍ଚିମ୍ ଓଡ଼ିଶାର ଭାଷା ସଂସ୍କୃତି ପରମ୍ପରାକେ ବଜାୟ ରଖବାର୍ ସାଙ୍ଗେ ନୂଆଁ ପୀଢ଼ିକେ ବି ଆଗକେ ବଢ଼ାବାର କାମ୍ ମିନି ଇଣ୍ଡିଆ ତଥା ଭିନ୍ ଭିନ୍ ଭାଷାଭାଷି ଲୋକ ରହୁଥିବାର ରାଉରକେଲାନ ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍‌ଦତରଫନୁ ପାଖାପାଖି ଗଲା ପାଁଚ ଦଶନ୍ଧି ଧରି ଯେନ୍ ଚେଷ୍ଟା କରାଯାଇଛେ ସେତାକେ ଯେତେ ପ୍ରଶଂସା କଲେ ଭି କମ୍‌ହେବା । ଇ ସମିଆ ଭିତରେ ଅନେକ୍ କର୍ମକର୍ତ୍ତା ନେତୃତ୍ୱ ନେଇ ଥିଲେ ବି ସବ୍‌କର ମୁଲ୍ ଉଦ୍ଦେଶ୍ୟ ଟା ଏକା ଆଏ । ସବୁ କର୍ମକର୍ତ୍ତା ମାନଙ୍କର ଇ ପ୍ରଚେଷ୍ଟା କେ ମୋର୍ ସାଧୁବାଦ୍ । ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍ ତାର୍ ମହାନ୍ ସାଂସ୍କୃତିକ୍ ଉଦ୍ଦେଶ୍ୟକେ ପୁରା କରବାର୍ ଲାଗି କାହାର୍ ଭିତରେ କେହେନସି ରକମର୍ ବିଭେଦ୍ ନାଇଁ ଦେଖି କରି ତା’ର କାମ୍ ଅହରହ କରି ଚାଲିଛେ । ତା’ର୍ କେତେଟା ବଡ଼ ସଫଳତା ଭିତ୍‌ରେ ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍ ନିଜର ଗୁଟେ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ୍ କରି ପାରବାର୍ ସାଙ୍ଗେ ଗୁଟେ ଓ୍ୱେବସାଇଟ୍ ଖୁଲିଛେ । ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍ କଳା ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ସାଙ୍ଗେ ବୃକ୍ଷରୋପଣ, ମଧୁମେହ ଆଉ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ୍ ବାଗିର୍ ଅନେକ୍ ସମାଜ କଲ୍ୟାଣ କାରୀ କାମ୍ କରି ଆସୁଛେ । ଇ କାମ୍‌କେ ଠିକ୍‌ଠାକ୍ ଭାବେ କରବାର୍ ଲାଗି ଗୁଟେ ଓ୍ୱେଲ୍‌ଫେୟାର୍ କମିଟି ଗଠନ୍ କରାହେଇଛେ । ଇ-ମେଗାଜିନ୍ ‘ଝୁଲକା’ ପ୍ରକାଶନ ଭି ଇ କାମ୍‌କେ ଆଗକେ ବଢ଼ାବାର୍ ଲାଗି ସହାୟକ୍ ହେଇପାରିଛେ ।

ଆଏଜ୍ ଓଡ଼ିଆ ମାନଙ୍କର୍ ନୂଆଁ ବରଷ୍ । ସୌରବର୍ଷ ଅନୁସାରେ ମେଷ ସଂକ୍ରାନ୍ତି ବା ମହା ବିଷୁବ ସଂକ୍ରାନ୍ତି । ସବୁ ଶକ୍ତି ର ଆଧାର ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ୍ କର୍‌ସନ୍ । ଆଉ ଧିରେ ଧିରେ କର୍କଟ କ୍ରାନ୍ତି ଆଡ଼କେ ଗତି କରସନ୍ । ସେଥିରଲାଗି ଗରମ୍ ଧିରେଧିରେ ବଢ଼ିବଢ଼ି ଯାଏସି । ଦେହେକେ ଥଣ୍ଡା ରଖବାର ଲାଗି ପଣା ପିଇବାର୍ ପ୍ରଚଳନ୍ ରହି ଆସିଛେ ବଲି ଇ ସଂକ୍ରାନ୍ତି କେ ପଣା ସଂକ୍ରାନ୍ତି କୁହାଯାଏସି । ତୁଲ୍‌ସୀ ଗଛ୍‌କେ ଚିରହରିତ୍ ରଖବାର୍ ଲାଗି ଠେଁକି ଉଲାବାର ରିକମା ଆମର୍ ସଂସ୍କୃତିରେ ରହିଛେ । ଆଏଜ୍ ହିନ୍ଦୁ ଧର୍ମ ଅନୁସାରେ ହନୁମାନ୍ ଜୟନ୍ତୀ ଆଉ ଭାରତୀୟ ସମ୍ବିଧାନ୍ ର ଜନକ ଭାରତରତ୍ନ ବାବାସାହେବ ଆମ୍ବେଦରଙ୍କ ର ଜନମଦିନ୍ ଭି ଆଏ ।

ପୁରୁଣା ବଛର୍ କେ ବିଦାୟ ଦେବାର୍ ସାଙ୍ଗେ ନୂତନ ବଛର ଆପଣମାନଙ୍କର ମଙ୍ଗଳମୟ ହେଉ ।

**ଜଏ ମା ସମ୍‌ଲେଇ...**



# President's Message

## SRI SWAROOP KUMAR PANIGRAHI

Pana Sankranti absar thi Samastanku Juhar au Suvechha.

The 4th edition of our parishad's e-magazine **"JULKA"** is being released on the occasion of Pana Sankranti during holding of Annual General Meeting of our Parishad. Kudos to the Magazine team for bringing out each edition in time and also with continuous improvement in it.

Pana Sankranti, also known as Maha Bishuba Sankranti, the Odia New Year, is celebrated to mark the beginning of the new year according to the traditional Odia calendar, signifying a time of renewal and prosperity, and is also believed to be the birthday of Hanuman. Accordingly, tradition of holding the Annual General Body Meeting of our Parishad was started from the last year and shall continue to hold the same in future.

All the activities (both cultural & welfare) of our parishad are continuing with the support of our active members. To strengthen our parishad, we need to give a thrust for the membership drive and fund generation. So, while propagating our art & culture, let's also put an extra effort for increasing our membership strength as well as generating enough fund for the cause of the parishad.

*Thank you very much*



# ସାଧାରଣ ସମ୍ପାଦକଙ୍କ ବାର୍ତ୍ତା

## ପ୍ରକାଶ ଚନ୍ଦ୍ର ପାଢୀ

ପଣା ସଂକ୍ରାନ୍ତିର୍ ଶୁଭ ଅବସରଥି ସମକୁ ମୋର୍ ଶୁଭେଚ୍ଛା । ଇ ତିହାର୍ କେ ଆମେ ଆମର୍ ଅଫିସ୍ ଥି ଦୁସରା ଥର୍ ପାଲନ୍ କରବାର୍ ସାଙ୍ଗେ ପରିଷଦର ବାର୍ଷିକୀ ସାଧାରଣ ବୈଠକୀ ଭିଲ୍ କରମା । ପଣା ସଂକ୍ରାନ୍ତି କେ ଆମେ ଓଡ଼ିଆ ନୁଆଁ ବଛର୍ ଭାବେ ପାଲନ୍ କରବାର୍ ସାଙ୍ଗେ ଘରେ ଘରେ ତୁଲସୀ ଚଉରାନ ନୁଆଁ ମଠିଆ ବସାସୁଁ ଆର୍ ଦହି, ବେଲ୍ ପନା କରି ମହାପ୍ରଭୁଙ୍କୁ ଭୋଗ୍ ଲଗାସୁଁ ।

ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିର୍ ଲାଗି ଖରା ଜହ ତେଜ ହେସି । ଖରା ଥି ଜହ ବୁଲାବୁଲି କଲେ ଝାଉ ମାର୍ବାର୍ ଡ଼ରଟେ ଥିସି । ଆମେ ସଭେ ସଚେତନ୍ ଆଉଁ ଯେ କେନ୍ତା କରି ଝାଉ କେ ପ୍ରତିହତ୍ କରମା । ସବୁ ନିଅମ୍ ମାନିକରି ଦେହେପାଏନ୍ କେ ଠିକ ରଖବେ ବଲି ମୁଇଁ ଆଉ ଥରେ ସମ୍କୁ ସଚେତନ୍ କରଉଛେଁ ।

ଆମର୍ ପରିଷଦ୍ ଭି ନୂତନ୍ ବର୍ଷରେ ନୂତନତା ଆନବାର୍ ଲାଗି ତା'ର୍ ବାର୍ଷିକ୍ ସାଧାରଣ୍ ପରିଷଦ୍ ବୈଠକୀ କେ କରବାର୍ ଲାଗି ସ୍ଥିର୍ କରିଛେ । ତେବେ ଆସୁନ୍ ସେଭେଁ ମିଲିମିଶି କରି ଇ ତିହାର୍ କେ ମାନାବାର୍ ସାଙ୍ଗେ ପରିଷଦ୍ର ଉନ୍ନତି ଲାଗି ସଂକଳ୍ପ ନେମା ।

ଧନ୍ୟବାଦ୍

# Shraddhanjali

| | | |
|---|---|---|
| 31.01.2025 | : | ✓ Jagdish Pati, F/o Sri Sudhanshu Pati |
| 05.03.2025 | : | ✓ Golapi Nayak, M/o Sri Satyabrata Nayak |
| 14.03.2025 | : | ✓ Uma Chhanda, M/o Sri Angaroj Chhanda |
| 03.04.2025 | : | ✓ Kalyani Purohit, M/o Sri Debesh Purohit |
| 07.04.2025 | : | ✓ Manamaya Pradhan, M/o Sri Gouri Sankar Pradhan |

## Up coming Events

| | | | |
|---|---|---|---|
| 12.05.2025 | : | Santha Kabi Bhima Bhoi Jayanti | (ସନ୍ଥ କବି ଭୀମ ଭୋଇ ଜୟନ୍ତୀ) |
| 01.08.2025 | : | Sambalpuri Din | (ସମ୍ବଲପୁରୀ ଦିନ) |

## Festivals (ପର୍ବ ପର୍ବାଣି)

| | | | |
|---|---|---|---|
| 30.04.2025 | : | Akhaya Trutiya | (ଅକ୍ଷୟ ତୃତୀୟା) |
| 26.05.2025 | : | Sabitri Amabasya | (ସାବିତ୍ରୀ ଅମାବାସ୍ୟା) |
| 01.06.2025 | : | Sheetal Shasthi | (ଶୀତଲ୍ ଷଷ୍ଠୀ) |
| 05.06.2025 | : | Sudasa Brata | (ସୁଦଶା ବ୍ରତ) |
| 15.06.2025 | : | Raja Sankranti | (ରଜ ସଂକ୍ରାନ୍ତି) |
| 27.06.2025 | : | Ratha Yatra | (ରଥ ଯାତ୍ରା) |
| 05.07.2025 | : | Bahuda Yatra | (ବାହୁଡ଼ା ଯାତ୍ରା) |



## Activities

| | | |
|---|---|---|
| 19.01.2024 | : | Celebration of Pushpuni Bhetghat at POSP Office, Sector- 8 |
| 23.01.2025 | : | Veer Surendra Sai Jayanti - Garlanding on Veer Surendra Sai Statue at VSS Market |
| 30.01.2025 | : | Celebration of Veer Surendra Sai Jayanti at Madhusudan Pathagar Chhend in association with Madhusudan Pathagar |
| 26.01.2024 | : | Celebration of Independence Day at POSP Office, Sector- 8 |
| 15.03.2024 | : | Celebration of Gundikhai in association with Maa Samleswari Youth Association at POSP Office, Sector- 8 |

# PANA SANKRANTI WITH PARTICULAR REFERENCE TO WESTERN ODISHA

**AJIT MOHAN PUJARI**
Chhend, Rourkela

**INTRODUCTION**

Pana Sankranti, also known as Maha Bishuba Sankranti, marks the Odia Solar New Year and is celebrated with immense cultural fervor across Odisha. Falling on April 14th or 15th, it heralds the onset of the summer solstice and the agricultural season. While the festival is observed statewide, its celebration in Western Odisha (comprising districts like Sambalpur, Bargarh, Bolangir, and Kalahandi etc) is distinct, reflecting the region's unique socio-cultural ethos, tribal influences and agrarian traditions. This write-up explores Pana Sankranti's significance, rituals, and regional variations with a special focus on Western Odisha.

**HISTORICAL AND CULTURAL SIGNIFICANCE**

Pana Sankranti derives its name from **'Pana'**, a traditional sweet drink made from jaggery, water, yogurt, and fruits. Rooted in ancient solar worship, the festival symbolizes renewal, fertility, and gratitude to nature. In Western Odisha, the celebration is deeply intertwined with agrarian life, as farmers prepare for the kharif crop cycle. The region's tribal communities, such as the Kondh, Gond, and Sabar blend indigenous traditions with Hindu customs, creating a syncretic cultural expression.

Historically, Western Odisha's festivals have been shaped by its geography-a semi-arid landscape where water scarcity makes monsoon predictions critical. Pana Sankranti's rituals, such as hanging earthen pots (Basundhara Theki) with holes to drip water, symbolize prayers for timely rains. This practice, while common in Odisha, holds amplified significance in Western Odisha, where agriculture relies heavily on monsoon patterns.

**RITUALS AND REGIONAL PRACTICES**

The rituals of Pana Sankranti in Western Odisha blend spirituality, community bonding, and agricultural symbolism:

**PANA PREPARATION**

The '**Pana'** drink is central to the festival. In Western Odisha, families often add the local ingredients like **'bel'** (wood apple) pulp or **'chhatua'** (roasted gram flour) to the drink, enhancing its nutritional value. The sharing of Pana among neighbours embodies communal harmony.

**BASUNDHARA THEKI RITUAL**

A clay pot filled with water and mango leaves is hung atop Tulsi plants or trees. The dripping water signifies the onset of monsoon, crucial for the region's rain-fed farming. In tribal households, this ritual is accompanied by folk songs invoking rain Gods.

**DANDA NACHA AND FOLK PERFORMANCES**

Western Odisha is renowned for '**Danda Nacha'**, a 21 Day ritual dance performed by devotees to honour Shiva and Shakti. During Pana Sankranti, this dance culminates in vibrant processions. Communities also perform **'Karma Naach'**, a tribal dance celebrating the Karam tree, symbolizing fertility.

**OFFERINGS AND FEAST**

Families prepare delicacies like '**Manda Pitha'** (rice dumplings), **'Kakara'** (sweet fried cakes), and '**Chakuli Pitha'** (rice pancakes). In tribal areas, dishes made from millets and forest produce highlight the region's culinary diversity.

**CHARAK PUJA**

Some villages organize **'Charak Puja'**, where devotees undertake penance, swinging on hooks tied to poles. Though controversial due to its physical rigor, this practice underscores the region's spiritual austerity.

**SOCIO-ECONOMIC DIMENSION**

Pana Sankranti reinforces community ties and stimulates local economies in Western Odisha:

**AGRICULTURAL MARKET**

Farmers purchase seeds and tools, while local markets buzz with sales of earthen pots, jaggery, and ritual items.

**HANDICRAFTS AND ARTISANS**

Potters and weavers from districts like Sonepur and Bargarh supply traditional utensils and textiles, sustaining cottage industries.

**TOURISM**

Festivals like Danda Nacha attract cultural enthusiasts, promoting regional tourism.

However, the festival faces challenges due to urbanization and migration. Younger generations, moving to cities for work, often disconnect from traditional practices. NGOs and cultural groups in Western Odisha, such as **'Sambalpuri Lok Kala Parishad'**, are reviving folk arts through workshops and digital campaigns.

**CULTURAL IDENTITY AND CULTURAL ETHOS**

Western Odisha's celebration of Pana Sankranti underscores its cultural resilience. The festival's eco-friendly practices-using clay pots, organic ingredients, and natural dyes-align with sustainable living. Tribal communities, in particular, emphasize harmony with nature, offering insights into climate-resilient agriculture.

**CONCLUSION**

Pana Sankranti in Western Odisha is more than a religious event; it is a vibrant tapestry of ecology, tradition, and community spirit. As the region navigates modernity, preserving this heritage becomes crucial. By integrating traditional wisdom with contemporary practices, Western Odisha can ensure that Pana Sankranti remains a living symbol of its cultural and agricultural legacy.

# ରାମ୍


**ହରିଲାଲ୍ ସାହୁ**
ଜାମପାଲି, ବିଜେପୁର, ବରଗଡ଼


ଘରର୍ ମୁଖିଆ ଜେଟ୍ ଭାଇ
ପିଠୁଆଁ ଉଠୁଆଁ ଠାନ୍‌କେଁ ଥାଇ ।

ଦୁଖର୍ ବେଲ୍‌କେ ଦୁଖ୍ ବୁହିସି
ସୁଖର୍ ବେଲ୍‌କେ ସୁଖ୍ ।



ପର୍‌ହର୍ ଦୁଖେଁ ଜିବନ୍ ଟାକ
ହଉଥିସି ଧୁକ୍ ଧୁକ୍ ।

ସବୁ ଲୋକ୍‌କୁଁ ସମାନ୍ ଦେଖି ଜେ
କରି କରାସି କାମ୍ । ।

ସେ ହିଁ ହଉଛେ ଦୁନିଆଁ ଭିତ୍‌ରେଁ
ଭରତର୍ ଭାଇ ରାମ୍ । ।

# ପଣା ସଂକ୍ରାନ୍ତି


**ଶରତ କୁମାର୍ ଦାଶ**
ଏଲ୍-୧୩୧, ଫେଜ-୨, ବାସନ୍ତି କଲୋନୀ
ମୋ : ୯୪୭୮୮୩୨୭୦୩


ବାର ମାସ ଯାତ୍ରାଠୁ ମହାନ,
ପଣା ସଂକ୍ରାନ୍ତି ଅଟେ ଯାର ନାମ ।
ହରିହର ଲକ୍ଷ୍ମୀ ରମାଙ୍କ ମିଳନ,
ଭାଗ୍ୟେ ଥିଲେ ମିଳେ ଜଗାଦର୍ଶନ ।
ସୂର୍ଯ୍ୟ ଦେବ ହୋଇ ଯେ ଉତ୍ତରାୟଣ,
ପଣା ରାଶିକୁ କରନ୍ତି ଚଳନ ।
ଦିନ ବଡ଼ ହୋଇ ରାତିଟି ସାନ,
ପଣା ସଂକ୍ରାନ୍ତି ଅଟେ ତା ନାମ ।
ବଡ଼ ଦେଉଳେ ବଡ଼ ଲଗାଇ ପାନ,
ବିଚିତ୍ର ଲୀଳା ଏପ୍ରଭୁଙ୍କ ଜାଣ ।
ପଣା ସଂକ୍ରାନ୍ତି ମହାପରବ ଦିନ,
ନୂତନ ପୋଷାକକରି ପରିଧାନ ।
ଓଡ଼ିଆ ନୂଆ ବରଷ ହୁଏ ଆଗମନ୍,
ସାଥି ସଙ୍ଗାତଙ୍କ ହୁଏ ମିଳନ ।
ପଣା ସଂକ୍ରାନ୍ତି ମହା ପରବ ଦିନ,
ପଣା ପିଇ ସର୍ବେ ତୋଷାନ୍ତି ମନ ।




# ପାପକ୍ଷୟ ଘାଟ

**ବ୍ୟାସଦେବ ସାହୁ**
ସିଆଲଖଣ୍ଡହଥା, ଭେଡେନ, ବରଗଡ଼


ପୂଣ୍ୟତୋୟା ମହାନଦୀ ବହୁ ଅଛି
ଉତ୍କଳର ଗଙ୍ଗା ତୁଲେ
କେତେ ଦେବାଦେବୀ ପୀଠ ଅବା ମଠ
ରହି ଅଛି ତାର କୂଳେ ।
ସେହିପରି ଏକ ପୀଠ ରହିଅଛି
ସୁବର୍ଣ୍ଣପୁର ଜିଲ୍ଲାରେ
ପାପକ୍ଷୟ ଘାଟ ନାମେ ବିଦ୍ୟମାନ
ବିନିକା ସନ୍ନିକଟରେ ।
ସୌନ୍ଦର୍ଯ୍ୟ ତାହାର ଅତି ମନୋରମ
ଅଟଇ ପବିତ୍ର ପୀଠ
ମହାନଦୀ କୂଳେ ମନ୍ଦିର ପାର୍ଶ୍ୱରେ
ବଟ ବୃକ୍ଷ ଅବସ୍ଥିତ ।
ସେ ବଟ ବୃକ୍ଷର ମହିମା ଅପାର
କୋଟି ଜନ ମାନସରେ
ପୂଣ୍ୟାତ୍ମା କେବଳ ଗଳି ଯାଇ ପାରେ
ସେ ବୃକ୍ଷ କୋରଡ଼ରେ ।
ଥରେ ଗଜପତି ଅନଙ୍ଗଭୀମ ଯେ
ବ୍ୟାଧି ଗ୍ରସ୍ତ ହୋଇଥିଲେ
ବୈଦ୍ୟ ପରାମର୍ଶେ ରୋଗ ମୁକ୍ତି ପାଇଁ
ରାଜ୍ୟ ରାଜ୍ୟ ବୁଲୁଥିଲେ ।
ଇତିହାସ କହେ କେତେ ଯେ ମନ୍ଦିର,
ଯିବା ବାଟେ ଗଢ଼ାଇଲେ,
ମହାନଦୀ କୂଳେ ବୁଲୁବୁଲୁ ଆସି
ସୋନପୁରେ ପହଞ୍ଚିଲେ ।
ସୋନପୁର ରାଜ୍ୟ ପଶ୍ଚିମ ଦିଗରେ
କିଛି ବାଟ ରାଜା ଗଲେ,
ମହାନଦୀ ଘାଟ ବଟବୃକ୍ଷ ମୂଳେ
ବସି ରୋଗ ମୁକ୍ତ ହେଲେ ।
ଯେଣୁ ପାପ କ୍ଷୟ ହେଲା ରାଜାଙ୍କର
ନାମ ପାପକ୍ଷୟ ଘାଟ
ସଂପୂର୍ଣ୍ଣ ସୁସ୍ଥ ଯେ ହୋଇଗଲେ ରାଜା
ଚାଲିଗଲା ସବୁ କଷ୍ଟ ।

ବିଶ୍ରାମ କାଳରେ ସେଠାରେ ରାଜାଙ୍କୁ
ଦେଖାଗଲା ଏକ ସ୍ୱପ୍ନ
ଅନତି ଦୂରରେ ଚରଦା ଗ୍ରାମରେ
ବିଜେ ସ୍ୱୟଂ ଭଗବାନ ।
ଉଭା ହେଇଛନ୍ତି ପ୍ରଭୁ ମହାଦେବ
ନାମଟି କପିଳେଶ୍ୱର
ବେଗେ ଯାଇ ସେଠି ତିଆରି କରହେ
ଏକଇ ଭବ୍ୟମନ୍ଦିର ।
ଆଦେଶ ପାଇଣ ବେଗେ ଯାଇ ରାଜା
ମନ୍ଦିର ନିର୍ମାଣ କଲେ
ପାର୍ଶ୍ୱଦେବୀ ଭାବେ ମା ଚରଦେଈ
ଅନ୍ୟ ମନ୍ଦିରେ ରହିଲେ ।
ମାଆଙ୍କ ମହିମା ତାଙ୍କ ଗୁଣ ସୀମା
ବର୍ଣ୍ଣନା କେ କରିପାରେ
ବିନିକା ଅଞ୍ଚଳେ ପୂଜା ପାଉଛନ୍ତି
ପ୍ରତ୍ୟକ୍ଷ ଦେବୀ ଭାବରେ ।
ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ରେ,
ଆସନ୍ତି ଶ୍ରଦ୍ଧାଳୁଗଣ,
ପାପକ୍ଷୟ ଘାଟେ ବୁଡ଼ ଯେ ପକାନ୍ତି,
ପାପ ମୋକ୍ଷ ର କାରଣ ।
ବିଖ୍ୟାତ ହେଇଛି ସୋନପୁର ଜିଲ୍ଲା
ପ୍ରାକୃତିକ ଶୋଭା ପାଇଁ
ପୁଣ୍ୟ ମହାନଦୀ ବହି ଯାଉ ଅଛି
ଉତ୍କଳର ଗୁଣ ଗାଇ ।

# ସମଲ୍‌ପୁରିଆ ବହ୍

ଡାଃ ସୌଭାଗ୍ୟ ମଞ୍ଜରୀ ଦାଶ



ମୁଇଁ ଭୁବ୍‌ନେଶରିଆ ଟୁକେଲ୍ ଆର୍
ସମ୍ବଲପୁରିଆ ବହ୍,
ବିହା ହେଇକରି ଗଲା ଉତାରୁ ଯେନ୍
ଅଥାହେଲି ନାଇଁ କହ ।
ସର୍‌ଗିପତରେ ଦେ ବଏଲେ କଦେଲ୍
ପତର ଦେଲି
ଖିଲ୍ ଖିଲାତେଲ୍ ହଁସଲେ ସଭେ
ମୁଇଁ ଭକୁଆ ହେଲି ।

ହଏରେ ଟୁକେଲ୍ ଇ ପତ୍‌ରେ
ଦନା କେନ୍ତା ଟିପବୁ ?
ମୋର ଆଇ ଶାଶ୍ ବତେଇ ଦେଲେ
ଟିକେ ଟିକେ କରି ଶିଖିବୁ ।
ସକାଲେ କହଲେ ଜୁଏ ଜାଲ୍‌ମା
ଛେନା ଜଲଫାଲ୍ ଆନ୍
ଛେନାଥି କେନ୍ତା ଜୁଏ ଜଲ୍ ବା
ମୁଁଡ୍ କଲାଟନ୍‌ଟନ୍ ।

ନନଦ୍ ମୋର ହଁସି କହଲେ
ଇଟା ନୁହେଁ ରସ୍‌ଗୁଲା ଛେନା,
ତୁମେ ଯେନ୍‌ଟାକେ ଘସି କହେ୍‌ସ
ଆମର ଖରସି ଛେନା ।
ଅଧା କଥା ବୁଝି ଅଧା ନାଇଁ ବୁଝି
ଚଲେଇ ପକାଲି ସବୁ
ଏନ୍ତେଇ କରି ଶିଖିଗଲି ସବୁ
ବୁଝଲ୍ ନନୀ ବାବୁ ।

# ଖାର୍‌ସା ପପ୍‌ଚି

ସୁକାନ୍ତି ପାଣିଗ୍ରାହୀ
ବି/୪୭, ସେକ୍ଟର- ୫, ରାଉରକେଲା



ଆସୁନ୍ ଆଜି ବନେଇ ଶିଖିମା ଆମର୍ ଅଞ୍ଚଳର ଗାଁ ଗହଲିର ଗୁଟେ ପୁରନା ପାରମ୍ପରିକ୍ ପିଠା ଖାର୍‌ସା ପପ୍‌ଚି । ପୂଜା ପରବରେ ଆମର ପଶ୍ଚିମ ଓଡ଼ିଶାର ଗାଁ ଗହଲିରେ ଘରେ ଘରେ ଇ ପିଠାଟା ବନା ହେସି । ଖାଏବାର୍ ଲାଗି ବଡ଼ା ସୁଆଦିଆ ।

**ସାମଗ୍ରୀ :- ଉଷ୍ନା ଚାଉଳ - ୨କପ୍, ପାନି - ୨ କପ୍, ବିରି - ୧/୨ କପ୍, ଛେନା - ୩୦୦ ଗ୍ରାମ୍, ଗୁଟା ଜୀରା - ୧/୨ ଚାହା ଚାମଚ୍, ଜୁଆନୀ - ୧/୨ ଚାହା ଚାମଚ୍, ଦରଦରା କୁଟା ଶୁଖା ଲାଲ୍ ମିର୍ଚ୍ଚି - ୧ ଚାହା ଚାମଚ୍, ସୁଆଦଅନୁସାରେ ନୁନ୍ ।**

ଚାଉଲ ଆଉ ବିରିକେ ଭଲ କରି ଧୁଇକରି ଅଲ୍‌ଗା ଅଲ୍‌ଗା ୮ ଘଣ୍ଟା ଭିଜେଇ ଦେବେ । ୮ ଘଣ୍ଟା ପରେ ପାନିରୁ ଛାନି କରି ଟିକେ ପାନି ଦେଇ କରି ଚିକନ୍ କରି ବାଟି ଅଲ୍‌ଗା ଅଲ୍‌ଗା ରଖିବେ । ବେଶୀ ପାନି ନାଇ ଦେବେ । ବିରିକେ ଟିକେ ଫେନୀ ଦେବେ । ଛେନାକେ ହାତେ ଟିକେ ଭଲ କରି ଚିଟ୍‌କି ଦେବେ । ଏଛେନ୍ ଚାଉଳ ବଟା, ବିରି ବଟା, ଛେନା, ଜୀରା, ଜୁଆନୀ, ମିର୍ଚା, ନୁନ୍ ସବୁକେ ଗୁଟେ ଜାଗାଥି ଭଲ କରି ମିଶେଇ ଦେବେ । ଢ଼ାପି କରି ଅଧା ଘଣ୍ଟା ଛାଡ଼ି ଦେବେ । ଅଧା ଘଣ୍ଟା ଉତାରୁ କରେହିରେ ତେଲ୍ ଗରମ୍ କରି ଚଉଲ୍ ବଟାର୍ ମିଶ୍ରଣକେ କାକ୍‌ରା ଲେଖେ ଗଢ଼ି କରି ମିଡିଅମ୍ ଆଞ୍ଚରେ ଛାନ୍‌ବେ । ଆଉ ତାକେ ଧନିଆଁ ପତର୍ ଚଟ୍‌ନୀ ନାଇଁ ହେଲେ ପାତଲ୍ ଘଣ୍ଟା ଚଟ୍‌ନୀ ସାଙ୍ଗେ ଗରମ୍ ଗରମ୍ ସର୍ଭ୍ କର୍‌ବେ ।

# ସ୍କୁଲ୍ ଛାତ୍ରବେଳର ଅଭୁଲା ସ୍ମୃତି

**ଅର୍ଜୁନ ମେହେର୍**
**ପ୍ରାକ୍ତନ ଅଧ୍ୟକ୍ଷ**
**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା**

ଆମ ବାଲ୍ୟ ଜୀବନର କଥା । ଯୌଥ ପରିବାରର ପ୍ରଚଳନ ଅତି ମାତ୍ରାରେ ଚାଲିଥାଏ । ସମସ୍ତଙ୍କ ଘରେ ୭ କି ୮ ଭାଇଭଉଣୀ । ଗାଁରେ ବିଦ୍ୟୁତ ସଂଯୋଗ ହୋଇ ନ ଥାଏ । ମୋର ଯାହା ମନେ ଅଛି ଆମ ଗାଁକୁ ୧୯୭୩ ମସିହାରେ ଅର୍ଥାତ୍ ଆମର ମେଟ୍ରିକ ପଢ଼ିଲା ବେଳେ ବିଜୁଳି ସଂଯୋଗ ହେଲା । ଖରାଛୁଟି ମାନଙ୍କରେ ଆମେ ଦିନ ଦିପହର ସାର ଖାଲି ଆମ୍ବ କିମ୍ବା କଦମ୍ବ ଗଛପାଖରେ ବୁଲୁଥାଉଁ । ଘରୁ କଞ୍ଚାଲଙ୍କା ମିଶ୍ରିତ ଲୁଣ ଛେଞ୍ଚା ହୋଇ କାଗଜ ପୁଡ଼ିଆରେ ନେଇ ଅତି ଖଟାଳିଆ ଆମ୍ବକୁ କାଟି ଲଙ୍କା ଲୁଣରେ ଟିକିଏ ଲଟକାଇ ମୁହଁ ଆମ୍ଳୁଲ୍ ଖାଇଲା ଭଳି କରିବାର ଦୃଶ୍ୟ ଏବେ ବି ଆମ ମାନସ ପଟରୁ ନିର୍ବାପିତ ହୋଇନାହିଁ । ଏହା ଛଡ଼ା ଆଉ ଦ୍ୱିତୀୟ ବିକଳ୍ପ ନ ଥିଲା । ଏହା ସାଙ୍ଗଙ୍କୁ ପିଠି ଦେଖାଇ ସାନ ଭାଇ କି ଭଉଣୀ ଠାରୁ ଏକ ମୁଦ୍ରା ସାହାଯ୍ୟରେ ଘିମିରି ଫୁଟାଇବାର ମଜା ଏବେ ବି ମନେପଡ଼ୁଛି.....



ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାର ଫଳାଫଳ ବାହାରିବା ପରେ ଖରା ଛୁଟି ହେଉଥିଲା ପ୍ରାୟ ୨ ମାସ ପାଇଁ । ସବୁ ଭାଇ ଭଉଣୀ ଖୋଜି ବୁଲୁଁ ଉପର ଶ୍ରେଣୀର ଭାଇ କି ଭଉଣୀ ନ ଥିଲେ କେଉଁ ସାଙ୍ଗ ପାଖରୁ ପୁରୁଣା ବହି ସଂଗ୍ରହ କରିବାରେ । ତା ପରେ ଖାତା ପାଇଁ ଖୋଳ ବା ମଲାଟ ତିଆରି କରିବା ପାଇଁ ଲାଗି ପଡ଼ୁଁ । ତେଣୁ କିଛି ମଇଦା ନେଇ ପାଣିରେ ଫୁଟାଇ ତା ଉପରେ ନାଲି କି ସବୁଜ କି ହଳଦିଆ ରଙ୍ଗ ପକାଇ ଅଠା ତିଆରି କରୁଁ । ସେଇ ଅଠା ସାହାଯ୍ୟରେ ଖାତା କିମ୍ବା ବହି ମାପରେ ପୁରୁଣା କାଗଜ ଉପରେ ପୁରୁଣା କାଗଜ ଏମିତି ୪ କି ୫ ପରସ୍ତ କାଗଜ ଦେଇ ମୋଟା ଖୋଳ ବା ମଲାଟ ତିଆରି କରୁଁ । ଖରାରେ ଶୁଖାଇ ଶୁଖାଇ ଖୋଳ ତିଆରି କାମ ଚାଲେ ପ୍ରାୟ ୨ କି ୩ଦିନ ।

ତା'ପରେ ଚାଲେ ମାମୁଁ ଘରକୁ ଯିବା କାମ ବଳଦଗାଡ଼ିରେ । ମାମୁଁ ଘରେ ରହଣି କିଛି ଦିନ ହୋଇ ପୁଣି ନିଜ ଘରକୁ ଲେଉଟାଣି ହୁଏ । ବଳଦମାନଙ୍କ ବିଶେଷତ୍ୱ ଏପରି ଯେ ହଳିଆ ଆଗରେ ବସି, 'ଅର୍ ଅର୍' ବୋଲି କହିଲେ ଡାହାଣପଟର (ବାହାରି) ବଳଦ ବାମରାସ୍ତାକୁ ମୋଡ଼ିବ 'ତତତତ' କହିଲେ ବାମପଟର (ଭିତରି) ବଳଦ ଡାହାଣ ରାସ୍ତାକୁ ମୋଡ଼ିବ । ମାମୁଁ ଘରେ ପହଞ୍ଚିଲା ପରେ ବଳଦମାନଙ୍କୁ ତୋରାଣୀ, କୁଣ୍ଡା ମିଶା ଖାଦ୍ୟ ଦିଆଯାଉଥିଲା ଏବଂ ହଳିଆ ଶଗଡ଼ର ଆଗରେ ଗୋଟିଏ ଢୁରୀ (Stand) ଲଗାଇ ଦେଉଥିଲା ।

ଏତେ କାମ ସବୁ ସରିଯାଏ । କିନ୍ତୁ ଛୁଟି ସରି ନ ଥାଏ । ତା'ପରେ ଆରମ୍ଭ ହୁଏ ଦିନ ଦିପହରର ନାଟକ । ପ୍ରତି ପର୍ବପର୍ବାଣୀ ଯଥା ଦଶହରା, ଶୀତଳଷଷ୍ଠୀ, କାର୍ତ୍ତିକ ପୂର୍ଣ୍ଣିମାରେ ଯେଉଁ ନାଟକ ଆମେ ଦେଖି ଥାଉଁ, ତା'ର ପ୍ରତିଫଳନ ହୁଏ । ଆମର ନାଟକରେ । ସେତେବେଳେ ଗାଁରେ ଯେଉଁ ନାଟକ ଚାଲୁଥିଲା ସେଗୁଡ଼ିକ ପ୍ରାୟ ରାତି ୧୨ଟାରେ ଆରମ୍ଭ ହୋଇ ପାହାନ୍ତିଆ ତଥା ୪ ଟା ୩୦ ବା ୫ଟାରେ ସରୁଥିଲା । ନାଟକମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ନାଟକ ଥିଲା 'ସୀତା ଚୋରୀ' ।

ରାତି ୧୨ଟାରେ ନାଟକ ଆରମ୍ଭ ହେବା ପୂର୍ବରୁ ମଞ୍ଚ ସଜାଯାଇଥାଏ । ଏକ ଚାନ୍ଦୁଆ ଟଣାଯାଇ ଥାଏ ବର୍ଗାକାର ଏକ ଖାଲି ଜାଗାରେ ମଞ୍ଚ ଚାରିକୋଣରେ । ତା' ସହିତ ଚାରୋଟି ପେଟ୍ରୋମକ୍ସ ଲାଇଟ୍ ଚାରିକୋଣରେ ବାନ୍ଧିଦିଆଯାଇଥାଏ । ନାଟକ ଆରମ୍ଭ ହେବା ପୂର୍ବରୁ ୪କି ୫ଜଣ ବାଦ୍ୟକାର ବାଦ୍ୟଯନ୍ତ୍ରଗୁଡ଼ିକ ଆଣି ମଞ୍ଚର ଗୋଟିଏ ପଟେ ରଖନ୍ତି । ବାଦ୍ୟଯନ୍ତ୍ରଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଏକ ହାର୍ମୋନିୟମ, ଡୁବି ଓ ତବଲା, ଢ଼ୋଲ୍ ଏବଂ ଝୁମ୍ପା ହଳେ ।

ସୀତାଙ୍କ ଆଗମନ ହୁଏ ମଞ୍ଚ ଉପରକୁ । ରାକ୍ଷସ ରାବଣ ସୀତାଙ୍କୁ ଚୋରାଇ ନେଇଥାଏ । ସୀତା ବିଳାପ କରୁଥାନ୍ତି ଗୀତ ଗାଇ ଗାଇ । ହେ ବନଗିରି, ହେ ଲତା ଗିରି....

ମୋ କାନ୍ତ ଗଲେ ମୃଗ ମାରି...

କହିବ ମୋ କାନ୍ତଙ୍କୁ । ମାରିବେ ରାବଣକୁ....

ଆସିବେ ଧନୁଶର ଧରି....

ହେ ବନ ଗିରି....

ସୀତା ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତି ଦ୍ୱିତୀୟ ପଦଗାଇବା ପୂର୍ବରୁ ବାଦ୍ୟ କାର ଗଣ ଏକ ସଙ୍ଗରେ ଚାରିଜଣଯାକ କୀର୍ତ୍ତନ କଲା ଭଳି ହେ ବନ ଗିରି, ହେ ଲତା ଗିରି ଗାଇବା ଆରମ୍ଭ କରିଦେବେ । ସୀତା ଗାଇ ସାରିଲାପରେ ମଞ୍ଚ ଛାଡ଼ି ଯେତେବେଳେ ଗ୍ରୀନ ରୁମ୍ ଆଡ଼େ ଯିବେ । ବାଦ୍ୟ କାରମାନେ ଆରମ୍ଭ କରିବେ ।

ତୁରୁ ରୁରୁ ରୁରୁ ରୁରୁ ରୁ ରୁରୁ.....

ତୁରୁ ରୁ ରୁ ରୁ ରୁ ରୁ ରୁରୁ ରୁ....

ବାଦ୍ୟର ତାଳେ ତାଳେ ମଞ୍ଚ ଉପରକୁ କେଉଁ ଚରିତ୍ର ଆସିବେ ଦର୍ଶକଙ୍କୁ ଜଣାପଡ଼ିଯାଇଥାଏ । ସେ ଆଉ କେହି ନୁହନ୍ତି, ଖଳନାୟକ ରାବଣ ଛଡ଼ା....

ହାଃ ହାଃ ହାଃ ହାଃ ହାଃ...

କମ୍ପିଯିବ ତ୍ରିଭୁବନ । ସେ ମାନବ ଜାଣି ନାହିଁ ପ୍ରବଳ ପ୍ରତାପୀ ରାବଣର ପରାକ୍ରମ ।

ହାଃ ହାଃ ହାଃ...

ସୀତା ମଞ୍ଚ ଛାଡ଼ିଯିବା ପରେ ଯଦି ବାଦ୍ୟକାର ମାନେ ଆରମ୍ଭ କରିବେ । .... ଖିଟ୍‌କି ଖିଟା, ଖିଟ୍‌କି ଖିଟା ତାଳ ତେବେ ଦର୍ଶକ ଜାଣିବେ ଏବେ ଏକ ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ ।

ଏହିଭଳି ବାଦ୍ୟ ଟିଣ ଡବା କିମ୍ବା ଟେବୁଲ ଉପରେ ସଂଳାପ ସହିତ ଦିନ ଦୁଇ ପହର ସାରା ଆମର ନାଟକ ଚାଲେ । ବୟସ୍କମାନେ କେତେଜଣ ଦିପହରେ ନିଦନ ଲାଗିଲେ ବାଡ଼ି ପଟେ ଆମର ନାଟକ ଦେଖି ମୁରୁକି ମୁରୁକି ହସୁଥିବା ଦୃଶ୍ୟ ମଧ୍ୟ ଏବେ ଆମ ଆଖି ଆଗରେ ଝଲସି ଯାଉଛି ।

ମନ ହେଉଛି ସେଇ ବାଲ୍ୟାବସ୍ଥା ଆଉଥରେ ଲେଉଟି ଆସନ୍ତା କି ?

# ମୁନୁଷର୍ ଦିହେ ଅଯୋଧ୍ୟା

**ଅଧରକାରୀ ସା**
ସିଧରା, ସୋହେଲା, ବରଗଡ଼

ସବ୍‌କର୍ ଦେହେ ଅଯୋଧିଆ ହଉ
ବିବେକ୍ ରାମର୍ ଘର୍,
ଗରବ୍ ରାବଣ୍ ଗୁଡା କର୍‌ବାର୍
ମୁଟେଁ ନେଇଁରହୁ ଡର୍ ।।

ବିଚାର୍ ଟା ହଉ ଭରତର୍ ଲେଖେଁ
ଭାବ୍ ହଉ ଲଏଖନ୍,
ସତୁରଘନ୍ ଲେଖେଁ ମନ୍ ଥିର୍ ହଉ
ଲୋଭ୍ ନେଇଁ ଧନ୍ ପନ୍ ।।

ସତ୍ ଟାକ ହଉ ରଜା ଦସରଥ୍
କେଭେଁ ନେଇଁଯଉ ନଟି
ଦେଇଥିଲା କଥା ହଁ ହେଇ ଆସୁ
ଜିବନ୍ ଗଲେଁବି କଟ୍ଟି ।।



ଚଲନ୍ ବି ହଉ ସିତା ଦେବି ଲେଖେଁ
ବିବେକର୍ ପଛେଁ ପାହା
ଉର୍‌ମିଲା ଲେଖେଁ ବିସୁଆସ୍ ହଉ
ଦେଖୁ ଲଏଖନର୍ ରାହା ।।

**କଇକେଇ** ଲେଖେଁ ଚେତନା ଟେ ଥଉ
ବକତ୍ ଥି ଚେତି ଉଠୁ,
**ଚେଟ୍**ଲା ଲୁକର୍ ପାସ୍ ପାଂଜର୍ କେ
ବିପଦ୍ ନେଇଁଆସେ ମୁଟୁଁ ।।
**କୌସଲିଆ** ହଉ ସହନ୍ ସକ୍‌ତି
ସାନ୍‌ତି ସୁମିତ୍ରା ମାଁ
**ଏତ୍‌କି** ଜଦିରି କର୍‌ଲେଁ ପାପର୍
କେଭେଁ ନେଇଁଲାଗେ ଦାଁ ।।

# ଶୈଶବ ଚେତନା - ଏକ ଦୃଷ୍ଟିପାତ

**ଡାକ୍ତର୍ ପ୍ରଶାନ୍ତ କୁମାର୍ ପାତ୍ର**
ବରିଷ୍ଠ ଶିଶୁ ବିଶେଷଜ୍ଞ
ରାଉରକେଲା ସରକାରୀ ଚିକିତ୍ସାଳୟ

ପ୍ରକୃତିର ଅନବଦ୍ୟ ଉପହାରସମ ଜନ୍ମନିଏ ଶିଶୁଟିଏ । ତା' ପ୍ରଥମ କ୍ରନ୍ଦନରେ ଜଗତ ପୁଲକିତ ହୁଏ । ହର୍ଷୋଲ୍ଲାସରେ ଭରିଯାଏ ଚତୁର୍ଦ୍ଦିଗ । ତା' ଚାରିପଟେ ଅସୁମାରୀ ଆଶାସବୁ ଦାନାବାନ୍ଧେ । ଅଗଣିତ ସ୍ୱପ୍ନମାନେ ଉଡ଼ିବୁଲନ୍ତି ପ୍ରଜାପତିଭଳି ବାପା, ମା'ଙ୍କ ତଥା ପରିବାର ବର୍ଗଙ୍କ ମନ ଆଇନାରେ..... ।

ହେଲେ କିଏ ଏଇ ଶିଶୁ ? ଶୈଶବର ପ୍ରକୃତ ପରିଚୟ କ'ଣ ? ପ୍ରକୃତରେ ଶିଶୁର ମନସ୍ତତ୍ତ୍ୱକୁ ବୁଝିବାକୁ ହେଲେ ଶିଶୁଟିଏ ହେବାକୁହିଁ ପଡ଼ିବ । ବୁଝିବାକୁ ହେବ ସମଗ୍ର ଶୈଶବ ତାହା ନବଜାତ ଅବସ୍ଥା ହେଉ ଅବା କୈଶୋର ଜଣେ ବୟସ୍କ ମଣିଷର ଛୋଟ ସଂସ୍କରଣ ନୁହେଁ କିମ୍ବା ରୋଗ ଦୁର୍ଘଟଣା ସମ ବିପଦଆପଦଆଡ଼କୁ ଖୋଲି ରହିଥିବା ଏକ କ୍ଷୁଦ୍ରସତ୍ତାର ଅସହାୟ ଅଭିବ୍ୟକ୍ତି ନୁହେଁ । ସେ ତା' ନିଜସ୍ୱ ଧାରାରେ ଜଣେ ପରିପୂର୍ଣ୍ଣ ସତ୍ତା; ଅବା ପୂର୍ଣ୍ଣତା ଆଡ଼କୁ ଗତି କରୁଥିବା ଏକ ବିବର୍ତ୍ତନଶୀଳ ଆତ୍ମା । ବିଡ଼ମ୍ବନା ! ବାପା, ମା'ଙ୍କ ଠାରୁ ଆରମ୍ଭକରି କତିପୟ ଶିକ୍ଷକ ତଥା ବନ୍ଧୁବର୍ଗଙ୍କ ଅହଂ ପ୍ରଣୋଦିତ ଚିନ୍ତା ଓ କାର୍ଯ୍ୟଦ୍ୱାରା ଆଜିର ଶିଶୁଟି ସତତ ନିଷ୍ପେଷିତ । ସ୍ୱାଧିନତା ହିଁ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାପାଇଁ ଅନିବାର୍ଯ୍ୟ ସର୍ତ୍ତ । ସେଥିପାଇଁତ ବିଳମ୍ବରେ ହେଲେ ବି ଭାରତ ସରକାରଙ୍କ "ନୂତନ ଶିକ୍ଷାନୀତି" ମୁକ୍ତ ବିଦ୍ୟାଳୟ ଭିତ୍ତିକ ଅଗ୍ରଗତି (Free Progress School) କୁ ପ୍ରାଧାନ୍ୟ ଦିଆଯାଇଛି । ବିଶିଷ୍ଟ ଦାର୍ଶନିକ ଓ କବି ଖଲଲ୍ ଜିବ୍ରାନ୍ (Khalil Gibran)ଙ୍କ "ଇୟୋର୍ ଚିଲ୍‌ଡ୍ରେନ୍" କବିତା ଏ ପରିପ୍ରେକ୍ଷୀରେ ବିଶେଷ ପ୍ରଣିଧାନ ଯୋଗ୍ୟ । ନିଜନିଜର ଅର୍ଦ୍ଧଚେତନ ଅବଚେତନ ଏବଂ ଅଚେତନ ମନର ଅହଂକୁ ନିଜ ଜନ୍ମିତ ପିଲାମାନଙ୍କ ଉପରେ ଅହରହ ଆରୋପ କରୁଥିବା ପିତା ମାତାଙ୍କ ପାଇଁ ଏହା ଏକ ବଜ୍ର ଆହ୍ୱାନ ପରିବର୍ତ୍ତନର



*Your Children*

*Your Children are not*
*your children*
*they come through you, but not from you...*
*you may house their bodies,*
*but not their thoughts*
*For their thoughts dwell in the house of*
*tomorrow*
*which you can not visit........*
*Life goes not backward !*

ତୁମ ପିଲାମାନେ ତୁମର ନୁହନ୍ତି,
ତୁମ ମାଧ୍ୟମରେ ଆସନ୍ତି ସେମାନେ,
ହେଲେ ତୁମଠାରୁ ନୁହେଁ ।
ତାଙ୍କ ଶରୀରକୁ ତୁମେ ଆବଦ୍ଧକରି ପାର
ହେଲେ ତାଙ୍କ ଚିନ୍ତା ରାଜିକୁ ନୁହଁ
କାରଣ ତାଙ୍କ ଚିନ୍ତା ସକଳ କରନ୍ତି ଅବସ୍ଥାନ
ଆଗାମୀ କାଲିର ଆବାସରେ
ଯେଉଁଠାକୁ ତୁମେ ପାରିବନି ଯାଇ ।
ଜୀବନ କରେନା ପଶ୍ଚାତ୍‌ଧାବନ !

ଶିଶୁର ମନସ୍ତତ୍ତ୍ୱ ଏକ ବ୍ୟାପକ ପରିସର । ଶବ୍ଦର କୋଣାର୍କ ଗଢ଼ିଲେବି ବୋଧହୁଏ ଊଣାହେବ ବର୍ଣ୍ଣିବାକୁ ଶୈଶବ ଚେତନା । ତେବେ କେତୋଟି ବିଶେଷ ଦିଗର ଅବଲମ୍ବନରେ ତଥା ଶିଶୁ ସୁଲଭ କେତୋଟି ଅମୂଲ୍ୟ ଗୁଣର ପର୍ଯ୍ୟାଲୋଚନା ଭିତ୍ତିରେ କିଛି ଆଭାସ ଆମେ ପାଇପାରିବା ।

ସରଳତା : ଶିଶୁ ଚେତନାର (ମଞ୍ଜୀ) । ଯୁକ୍ତିବୁଦ୍ଧି ରହିତ ଶିଶୁର ମନ । ସେଥିପାଇଁ ଦ୍ରୁତତର ଏବଂ ପୂର୍ଣ୍ଣତର ଆରୋଗ୍ୟ ଲାଭକରିବାର ସମ୍ଭାବନା ଅଧିକ । କାରଣ ନିଜ ଉପରେ ବିଶ୍ୱାସ ଦୃଢ଼ୀଭୂତ ଥାଏ ।

ସ୍ୱତଃସ୍ଫୂର୍ତ୍ତ ଖୁସି : ଯେକୌଣସି ପରିସ୍ଥିତିରେ ବି କୌଣସି କାରଣ ବା ସର୍ତ୍ତବିନା ଖୁସିରେ ପାରିବାର କ୍ଷମତା ଏହିକ୍ରମରେ ଶିଶୁଟିଏ ଛାତ୍ର ନୁହେଁ ବରଂ ଶିକ୍ଷକ ଆମର ସତ୍ୟପ୍ରତି ଉନ୍ମୁଖତା : ଅନ୍ତର୍ନିହିତ ବିଶେଷଗୁଣ । 'ମିଛ କହିବୁନି !' - ଏଇ ତାଗିଦ୍‌ର ଆବଶ୍ୟକତା ନାହିଁ ।

ସ୍ୱାଧିନଚେତା : ବ୍ୟକ୍ତିତ୍ୱ ଗଠନ ଦିଗରେ ଅପରିହାର୍ଯ୍ୟ ଗୁଣ । ତଥାକଥିତ 'ଜିଦି' ଗୁଣଟି ଅଗ୍ରଗାମୀ ହେବାର ସୂଚନା ହୋଇଯାଇ ଅବଶ୍ୟ ତଦ୍‌ଜନିତ ଉଦ୍ଦେଶ୍ୟଟିକୁ ଆମକୁ ଚିହ୍ନିବାକୁ ପଡ଼ିବ । ଉଦ୍ଦେଶ୍ୟଟିକୁ ମହାନ କରି ଉପସ୍ଥାପନ କରିବାକୁ ପଡ଼ିବ ।

ସ୍ୱାଭିମାନ : ନବଜାତ ଶିଶୁର ବି ସ୍ୱାଭିମାନ ଖୁନ୍ଦି ହୋଇରହିଥାଏ, ଯାହା ବିଜ୍ଞାନ ପ୍ରମାଣ କରିସାରିଲାଣି । ତେଣୁ ଶିଶୁର ଇଚ୍ଛାକୁ ସମ୍ମାନ ଦେବା ଜରୁରୀ ।

ସଦା ସକ୍ରିୟତା : ଏହି ବିଶେଷ ଗୁଣ ହେତୁ ଛୋଟ ପିଲାମାନେ ଯେତେ ଭୟଙ୍କର ରୋଗରେ ପଡ଼ନ୍ତୁ ନା କାହିଁକି ପୁନଶ୍ଚ ପୂର୍ବ ସକ୍ରିୟ ଅବସ୍ଥାକୁ ଫେରିଯିବା ପାଇଁ ନିରନ୍ତର ବ୍ୟାକୁଳତାଭାବ ସେମାନଙ୍କୁ ସହଜରେ ସୁସ୍ଥତା ଆଡ଼କୁ ନେଇଯାଏ । ଆମେ ଏହାକୁ Resilience ବୋଲି କହିପାରିବା ।

ସଂକଳ୍ପର ପ୍ରତିବଦ୍ଧତା : ଥରୁଟିଏ ଯଦି କେହି ପିଲା କିଛି ଗୋଟିଏ ପାଇବା ପାଇଁ ସ୍ଥିର କରିନେଲା ତେବେ ପରିସ୍ଥିତି ଯାହାଆସୁନା କାହିଁକି ସେ ଲାଗିରହିବ ପ୍ରାଣପଣେ ତା'କୁ ହାସଲ ନ କଲା ଯାଏଁ ।

ଆମେ ଯେଉଁମାନେ ବାପା, ମା, ଶିକ୍ଷକ ଶିକ୍ଷୟତ୍ରୀ ରୂପେ ପିଲାମାନଙ୍କ ଯତ୍ନର ଦାୟିତ୍ୱ ନେଇଛେ, ଆମପାଇଁ କର୍ତ୍ତବ୍ୟ ହେଲା ସେମାନଙ୍କ ପାଇଁ "ଜୀବନ୍ତ ଉଦାହରଣ" ହୋଇଉଠିବ । ସତତ ସତର୍କ ହେବା ଯେପରି ଆମ ଉଚ୍ଚାରଣ ଏବଂ ଆଚରଣ ମଧ୍ୟରେ କିଛିବି ପାର୍ଥକ୍ୟ ନ ରହେ । ଶିଶୁର ସରଳ ମନଶ୍ଚେତନାରୁ ଜାତ ସବୁ ପ୍ରଶ୍ନର ଏପରିକି ନିହାତି ନଗଣ୍ୟ ଏବଂ ହାସ୍ୟାସ୍ପଦପ୍ରଶ୍ନର ଶ୍ରଦ୍ଧା ଏବଂ ସମ୍ବେଦନଶୀଳ ଭାବସହ ଉତ୍ତର ବା ସମାଧାନ କରିବାପ୍ରତି ଯତ୍ନଶୀଳ ହେବା । ସୁସ୍ଥତାର ପୂର୍ଣ୍ଣ ସମନ୍ୱୟର ଅବସ୍ଥା; କେବଳ ରୋଗ ଅଥବା ଅକର୍ମଣ୍ୟତାର ଅଭାବ ନୁହେଁ ।"

ନିଜ ସ୍ୱାର୍ଥର କ୍ଷୁଦ୍ରବଳୟରୁ ବାହାରି ଆସି ଅନ୍ୟମାନଙ୍କ ପାଇଁ, ବିଶେଷ କରି ବିପଦରେ ପଡ଼ି, ସାହାଯ୍ୟ ଆବଶ୍ୟକ କରୁଥିବା ଲୋକଙ୍କୁ ସହାୟତା ଯୋଗାଇଦେଇ ଆନନ୍ଦ ଅନୁଭବ କରିବା, ମୌଳିକ ଆବଶ୍ୟକତା ଏବଂ ତାମସିକତା ବା ପ୍ରାଚୁର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ଜାଣିବା ବଞ୍ଚିବା ପାଇଁ ଖାଇବା ନା ଖାଇବାପାଇଁ ବଞ୍ଚିବା ଏବଂ ସର୍ବୋପରି ଶରୀରଚର୍ଯ୍ୟା (ନିୟମିତ ବ୍ୟାୟାମ, ଯୋଗ, ଆସନ, ପ୍ରାଣାୟାମ, ଖେଳକୁଦ, ଇତ୍ୟାଦି) ବିଷୟରେ ପିଲାମାନଙ୍କୁ ଶିକ୍ଷାଦେବା ଦ୍ୱାରା ଆଧ୍ୟାତ୍ମିକ ପରିସର ପ୍ରଶସ୍ତ ଏବଂ ଶକ୍ତିଶାଳୀ ହେବାପାଇଁ ବାଟ ଫିଟିପାରେ ।

ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି -

ଅର୍ଥାତ୍ "ଆମ କର୍ତ୍ତବ୍ୟ ହେଉଛି - ପିଲାଟିକୁ ଶାରୀରିକ ଭାବରେ ସମର୍ଥ, ମାନସିକ ଭାବରେ ଜାଗ୍ରତ, ସାମାଜିକ ଭାବରେ ଆଦୃତ ଏବଂ ଆଧ୍ୟାତ୍ମିକ ଅନୁରାଗୀ କରି ଗଢ଼ି ତୋଳିବାକୁ ହେବ ।"

# ନାରୀ

**ଲିଲିମା ଦାଶ**
ଛେଣ୍ଡ, ରାଉରକେଲା

କାହିଁକି ? କାହିଁକି ?
ମୋ ପ୍ରତି ଏ ଅନ୍ୟାୟ
ମୁଁ ବଂଶ ବିସ୍ତାରର ମୂଳଦୁଆ
ମୁଁ ଜନ୍ମଦାତ୍ରୀ, ମୁଁ ଭଗିନୀ, ମୁଁ ଜାୟା,
ମୁଁ ପୁଣି ଦୁହିତା ତଥାପି ?
ବୁଝି ପାରେନି କି ବୁଝିବାକୁ ଚାହେଁନି ସଭ୍ୟ ମଣିଷ
ନିର୍ବିଚାରରେ କରି ଚାଲିଛି ଭ୍ରୁଣହତ୍ୟା
ନିଜକୁ ଶିକ୍ଷିତ ବୋଲି ଡ଼ିଣ୍ଡିମ ପିଟେ, କିନ୍ତୁ
କାର୍ଯ୍ୟ ତା'ର ନିନ୍ଦିତ କରେ ମାନବିକତାକୁ
ଏବେ ବି ବିଶ୍ୱର ପ୍ରତିଟି କୋଣରେ
ନିଷ୍ପେଷିତ, ଅବହେଳିତ ଅତ୍ୟାଚାରିତ ମୁଁ
ଦୟା, ସୁରକ୍ଷା ପାଇଁ ମାଗେ ଭିକ୍ଷା
ମୁଁ ମାଆ, ସୃଷ୍ଟିର ମୂଳ ଆଧାର
ଅନ୍ତଃନଳୀ ଚିରି ଜନ୍ମ ଦେଇଛି





ବିଦ୍ୱାନ, ପଣ୍ଡିତ, ସନ୍ନ୍ୟାସୀ, ମହାତ୍ମା, ସଂସ୍କାରକ
ମୋ ଔରସରୁ ଜନ୍ମେ ପୁଣି
ବୈଜ୍ଞାନିକ, ଶିକ୍ଷକ, କୃଷକ
କର୍ମ ଅନୁସାରେ ସମ୍ମାନିତ ଦେଶ ବିଦେଶରେ
ହେଲେ, ମତେ ସମ୍ମାନ ଦେବା ପାଇଁ
ଆବଶ୍ୟକ ହୁଏ ଗୋଟିଏ ବିଶେଷ ଦିନର
ମତେ ଉଠିବାକୁ ହେବ, ଶକ୍ତିର ରୂପ ଧରି
ଅନ୍ୟାୟକୁ ବିରୋଧ କରିବାକୁ
ନିଜର ସମ୍ମାନ ନିଜେ ରକ୍ଷା କରିବାକୁ
ମୁଁ ସୃଷ୍ଟି କରିପାରେ
ମୁଁ ପାଳନ କରିପାରେ
ଆଉ ବିନାଶର ବି କାରଣ
ମୁଁ ଜନ୍ମଦାତ୍ରୀ, ମୁଁ ଭଗିନୀ, ମୁଁ ଜାୟା , ମୁଁ ଦୁହିତା ।

# Pushpuni ଭେଟ୍‌ଘାଟ୍



## Veer Surendra Sai Jayanti



## Republic Day Celebration



# Drug De-addiction












# Gundikhai Celebration



# PRESS & MEDIA

# COVERAGE

